# Government strongly condemns vandalisation of Mahatma Gandhi's statue in Davis, California, USA

January 30, 2021

## ଆମେରିକାର କାଲିଫର୍ନିଆ ରାଜ୍ୟର ଡେଭିସଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାରୁଜା କରିବାକୁ ଭାରତ ସରକାରଙ୍କ ତୀବ୍ର ନିନ୍ଦା

**ଜାନୁଆରୀ 30, 2021**

28 ଜାନୁଆରୀ 2021 ରେ କାଲିଫର୍ନିଆର ଡେଭିସ ସହରର ସେଣ୍ଟ୍ରାଲ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଅଜ୍ଞାତ ବ୍ୟକ୍ତିମାନେ ଭଙ୍ଗାରୁଜା କରିଥିଲେ। ଏହି ପ୍ରତିମୂର୍ତ୍ତିକୁ 2016 ମସିହାରେ ଭାରତ ସରକାର ଡେଭିସ ସହରକୁ ଏକ ଉପହାର ଭାବେ ପ୍ରଦାନ କରିଥିଲେ।

ଶାନ୍ତି ଏବଂ ନ୍ୟାୟର ବିଶ୍ୱ ସ୍ତରରେ ସମ୍ମାନିତ ଆଇକନ୍ ବିରୁଦ୍ଧରେ ଏହି କୁତ୍ସିତ ତଥା ଘୃଣ୍ୟ କାର୍ଯ୍ୟକୁ ଭାରତ ସରକାର ଦୃଢ଼ ନିନ୍ଦା କରିଛନ୍ତି।

ୱାଶିଂଟନ୍ ଡିସିରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ତଥା ଏହି ଘୃଣ୍ୟ କାର୍ଯ୍ୟ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକାର ବୈଦେଶିକ ବିଭାଗ ନିକଟରେ ଏହି ମାମଲାକୁ ଉଠାଇଛି। ସାନ୍ ଫ୍ରାନ୍ସିସ୍କୋରେ ଥିବା ଭାରତର କନସୁଲେଟ୍ ଜେନେରାଲ୍ ଡେଭିସ ସହର ଏବଂ ସ୍ଥାନୀୟ ଆଇନ ପ୍ରବର୍ତ୍ତନ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ମାମଲାକୁ ଅଲଗା ଅଲଗା ଉଠାଇଛନ୍ତି। ଡେଭିସ ମେୟର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏବଂ ଏହାର ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି। ସ୍ଥାନୀୟ ଭାରତୀୟ ସମୁଦାୟ ସଂଗଠନଗୁଡିକ ଏହି ଭଙ୍ଗାରୁଜା କାର୍ଯ୍ୟକୁ ନିନ୍ଦା କରିଛନ୍ତି।

ଆମେରିକାର ବୈଦେଶିକ ବିଭାଗ କହିଛିଯେ ଏହି ଭଙ୍ଗାରୁଜା କାର୍ଯ୍ୟ ଗ୍ରହଣୀୟ ନୁହେଁ ଏବଂ ଆଶା ପ୍ରକାଶ କରିଛିଯେ ଦୋଷୀମାନଙ୍କୁ ଯଥାଶୀଘ୍ର ଦଣ୍ଡିତ କରାଯିବ।

**ନୂଆଦିଲ୍ଲୀ**

**ଜାନୁଆରୀ 30, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.